# ଭଦ୍ରକ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କର୍ଯ୍ୟାଳୟ

## ନିଲାମ ନୋଟିସ୍

ସଂଖ୍ୟା. ୧୪୩୯ /ତାରିଖ. ୨୪/୬/୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଭଦ୍ରକ ଜିଲ୍ଲା(**କଦମବେଡା ସ୍ଥିତ**) ପ୍ରାଣୀ ଚିକିତ୍ସାଳୟ ହତା ମଧରେ **ଏକ ଶୁଖିଲା ଚାକୁଣ୍ଡା ଗଛ ଆସନ୍ତା ତା-୦୨.୦୭.୨୦୧୯ରିଖ, ଘ୧୧ଟିକା** ସମୟରେ ନିଲାମ କମିଟି ସଭ୍ୟମାନଙ୍କ ଉପସ୍ଥିତିରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଭଦ୍ରକଙ୍କ କାର୍ଯ୍ୟାଳୟରେ ବିକ୍ରୟ ପାଇଁ ନିଲାମ କରାଯିବ । ଉକ୍ତ ଗଛ କିଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ନିଲାମ ପୂର୍ବରୁ **ଟ.୫୦୦/-(ପାଂଚ ଶହ ଟଙ୍କା)** ଅମାନତ ପଇଠ କରି ଗଛ ନିଲାମରେ ଭାଗ ନେଇ ପାରିବେ । ନିଲାମ ପ୍ରାପ୍ତ ପାଇଥିବା ବ୍ୟକ୍ତି ଗଛର ଉଚିତ୍ ମୂଲ୍ୟରୁ ଅଗ୍ରୀମ ପାଂଚଶହ ଟଙ୍କା ବାଦକରି ନିମ୍ନ ସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟରେ ପଇଠ କରିବେ ଓ ଅନ୍ୟମାନେ ନିଲାମ ପରେ ତାଙ୍କର ଅଗ୍ରୀମ ପଇଠ ଟଙ୍କା ଫେରାଇ ନେବେ । ଉକ୍ତ କମିଟି କେବଳ ଅଧିକ ନିଲାମ ଧରିଥିବା ବ୍ୟକ୍ତିଙ୍କୁ ଉକ୍ତ ଗଛଟିକୁ ଦେବାକୁ ବାଧ ନୁହନ୍ତି । ଉକ୍ତ କମିଟି କୌଣସି କାରଣ ନ ଦର୍ଶାଇ ଯେ କୌଣସୀ କିମ୍ବା ସମସ୍ତ ନିଲାମକୁ ଅଗ୍ରାହ୍ୟ କରି ଦେଇ ପାରିବାର କ୍ଷମତା ଅଛି । ଗଛ କିଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ନିଲାମ ହେବା ତାରିଖ ପୂର୍ବରୁ ଯେ କୌଣସି ଦିନ ଗଛଟିକୁ ଭଦ୍ରକ ଜିଲ୍ଲା ପ୍ରାଣୀଚିକିତ୍ସାଳୟ ହତା ମଧରେ ଦେଖି ପାରିବେ । ଯେଉଁ ବ୍ୟକ୍ତି ଗଛ ନିଲାମ ନେବାକୁ ଯୋଗ୍ୟ ବିବେଚିତ ହେବେ ସେ ଗଛର ଉଚିତ ମୂଲ୍ୟ ପଇଠ କରି **୩(ତିନି)ଦିନ ମଧରେ** ଅନ୍ୟ କୌଣସି କ୍ଷତି ନଘଟାଇ ଗଛଟିକୁ କାଟି ନେବେ । ଏହାର ବ୍ୟତିକ୍ରମ ହେଲେ ନିମ୍ନ ସ୍ୱାକ୍ଷରକାରୀ ଗଛ ବାବଦକୁ କୌଣସୀ କ୍ଷତି ପାଇଁ ଦାୟୀ ରହିବେ ନାହିଁ ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ
ଭଦ୍ରକ